## ଫସଲ ଅମଳ ଏବଂ ସରକ୍ଷଣ

- ବିହନ ଉଦ୍ଦେଶ୍ୟରେ ଚାଷ କରୁଥିଲେ ରୋଇବାର ୯୫-୧୦୦ ଦିନ ପରେ ମିଶାଧାନର କେଣ୍ଡାକୁ କାଟି ଫିଙ୍ଗି ଦିଅନ୍ତୁ।
- ଧାନ କାଟିବାର ୧୫ ଦିନ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ।
- ଯେତେବେଳେ ଧାନ ଶତକଡା ୮୦ ଭାଗ ପାକଳ ହୋଇଥାଏ, ସେହି ସମୟରେ ଧାନ କାଟନ୍ତୁ ଅନ୍ୟଥା ଧାନ କ୍ଷେତରେ ଝଡିଯାଏ।
- ଧାନକୁ ଅମଳ କଲାପରେ ଭଲଭାବରେ ସଫା କରନ୍ତୁ, ଖରାରେ ଶୁଖାନ୍ତୁ ଏବଂ ଧାନରେ ଶତକଡା ୧୪ ଭାଗ ଆର୍ଦ୍ରତା ଥିବା ଅବସ୍ଥାରେ ଠିକ୍ ଭାବରେ ବ୍ୟାଗରେ ଭରି ସାଇତି ରଖନ୍ତୁ।

## ଫସଲ ପର୍ଯ୍ୟାୟ

- ଧାନ କଟାହେଲାପରେ, ଧନିଚ୍ଚ ବିହନକୁ ମେ ମାସର ଶେଷ ସପ୍ତାହରେ ହେକ୍ଟର ପ୍ରତି ୨୦-୨୫ କି.ଗ୍ରା. ବୁଣନ୍ତୁ ଏବଂ ୪୦-୪୫ ଦିନର ଧନିଚ୍ଚ ଗଛକୁ କାଦୁଅ କଲାବେଳେ ଭଲଭାବରେ ମାଟିରେ ମିଶାଇଦେଲେ ଜମିର ଉର୍ବରତା ବଢ଼ିଥାଏ।




**ଓଡ଼ିଶାର ସମୁଦ୍ର ତଟବର୍ତ୍ତୀ ଲୁଣା ଅଞ୍ଚଳ ପାଇଁ ରବି ଋତୁରେ ଅଧିକ ଅମଳକ୍ଷମ ଧାନ କିସମ ଲୁଣାଶଙ୍ଖି (ସି.ଆର.ଧାନ ୪୦୫)**

**ଏନ୍.ଆର୍.ଆର୍.ଆଇ. ବୈଷୟିକ ଇସ୍ତାହାର-୧୪୧**

©ସମସ୍ତ ସତ୍ତ୍ୱ ସଂରକ୍ଷିତ: ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ମାର୍ଚ୍ଚ -୨୦୨୦

ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ: ବିଷ୍ଣୁ ଚରଣ ମାର୍ଣ୍ଡି, ଲୋଟନ କୁମାର ବୋଷ ଓ ସନ୍ଧ୍ୟାରାଣୀ ଦଲାଲ୍
ଓଡିଆ ରୂପାନ୍ତର: ଲୋଟନ କୁମାର ବୋଷ ଓ ସନ୍ଧ୍ୟାରାଣୀ ଦଲାଲ୍
ଓଡ଼ିଆ ମୁଦ୍ରା ଲେଖକ: ସୁଜାତା ମହାନ୍ତି
ଫଟୋ: ପ୍ରକାଶ କର ଏବଂ ଭଗବାନ ବେହେରା

ଟାଇପ୍ ସେଟ୍ : ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩ ୦୦୬
ପ୍ରକାଶକ : ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫସେଟ୍ ପ୍ରା.ଲିଃ., ଭୁବନେଶ୍ୱର

# ଓଡ଼ିଶାର ସମୁଦ୍ର ତଟବର୍ତ୍ତୀ ଲୁଣା ଅଞ୍ଚଳ ପାଇଁ ରବି ଋତୁରେ ଅଧିକ ଅମଳକ୍ଷମ ଧାନ କିସମ

## ଲୁଣାଶଙ୍ଖି(ସି.ଆର.ଧାନ ୪୦୫)

ବିଷ୍ଣୁ ଚରଣ ମାର୍ଣ୍ଡି, କ୍ରିଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟ, ଲୋଟନ କୁମାର ବୋଷ, ସଞ୍ଜୟ ସାହା, ଅମରେଶ କୁମାର ନାୟକ, ଭାସ୍କର ଚନ୍ଦ୍ର ପାତ୍ର, ପ୍ରେମ କୁମାର, ପ୍ରକାଶ ଚନ୍ଦ୍ର ରଥ, ଜି.ଏ.କେ. କୁମାର ଏବଂ ରୋଜାଲିନ୍ ସ୍ୱାଇଁ




ଓଡ଼ିଶାର ସମୁଦ୍ର ତଟବର୍ତ୍ତୀ ଲୁଣା ଅଞ୍ଚଳ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ମଧ୍ୟରେ ଲୁଣାଶଙ୍ଖି (ସି.ଆର.ଧାନ ୪୦୫) ବେଶ୍ ପରିଚିତ। ଭାରତର ବିଭିନ୍ନ ସ୍ଥାନରେ ଉଭୟ ଚାଷୀଙ୍କ ଜମି ଓ ଗବେଷଣା ଭୁକ୍ତ ଜମିରେ ପରୀକ୍ଷଣ କରି ଦେଖାଯାଇଛି ଏହା ହେକ୍ଟର ପ୍ରତି ୩.୬ ରୁ ୪.୯ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ। ରାଜ୍ୟ କିସମ ଚୟନ କମିଟି ଦ୍ୱାରା କ୍ରମାଗତ ୪ ବର୍ଷର (୨୦୦୮-୨୦୧୧) ପରୀକ୍ଷଣ ପରେ ଏହି କିସମ ଓଡ଼ିଶା ରାଜ୍ୟ ପାଇଁ ଅନୁମୋଦିତ ହୋଇଛି। ରବି ଋତୁରେ ଚାଷ କରାଯାଇ ଓଡ଼ିଶାର ୩ଟି ଜିଲ୍ଲା ଯଥା ଜଗତସିଂହପୁର, କେନ୍ଦ୍ରାପଡା ଓ ପୁରୀରେ ଏହାର ଅମଳ ହେକ୍ଟର ପ୍ରତି ୪.୬ ଟନ୍‌ରେକର୍ଡ କରାଯାଇଛି। ଏହାର ହାରାହାରି ଅମଳକ୍ଷମତା ଲୋକପ୍ରିୟ ଲୁଣି କିସମ ଖଣ୍ଡଗିରିଠାରୁ ଶତକଡା ୧୭ ଭାଗ ଅଧିକ। ତେଣୁ ଓଡ଼ିଶାର ସମୁଦ୍ରତଟବର୍ତ୍ତୀ ଲୁଣା ଅଞ୍ଚଳରେ ଚାଷ କରାଯାଇପାରିବ। ଏହା ମଧ୍ୟମଧରଣର ଲମ୍ବା ଏବଂ ଚାଉଳ କଲାବେଳେ ବେଶୀ ଭାଙ୍ଗି ନଥାଏ। ଏହାର ଭାତ ସ୍ୱାଦଯୁକ୍ତ ହୋଇଥିବାରୁ ଏହି କିସମ ଉଭୟ ଚାଷୀ ଏବଂ ଉପଭୋକ୍ତାଙ୍କ ଦ୍ୱାରା ବହୁଳ ଭାବେ ଆଦୃତ।

## ଏହି କିସମ ଧାନର ଅନ୍ୟାନ୍ୟ ଗୁଣ

| | | |
|---|---|---|
| ବିହନରୁ ବିହନ ପର୍ଯ୍ୟନ୍ତ ଅବଧି | : | ୧୧୦-୧୧୫ ଦିନ |
| ଗଛର ଉଚ୍ଚତା | : | ୧୦୦-୧୦୫ ସେ.ମି. |
| ଧାନ ଦାନା ପ୍ରକାର | : | ମଧ୍ୟମ ଧରଣର ଲମ୍ବା |
| ଚାଉଳ ଏବଂ ଭାତର ଗୁଣ | : | ଧାନରୁ ଶତକଡ଼ା ୬୭.୯ ଭାଗ ଚାଉଳ ମିଳେ |
| ରୋଗ ପୋକର ପ୍ରଭାବ | : | ପତ୍ରଚ୍ଛଦା ଏବଂ ମହିଷା ରୋଗ ସହନଶୀଳ |
| ଲୁଣାର ପ୍ରଭାବ | : | ମଧ୍ୟମ ଧରଣର ଲୁଣା ସହନଶୀଳ |

## ଅନୁମୋଦିତ ଚାଷପ୍ରଣାଳୀ

### ଜମି ପ୍ରସ୍ତୁତ

- ବର୍ଷାଦିନିଆ ଧାନ କଟା ହେଲାପରେ ଜମିକୁ ପ୍ରାଥମିକ ହଳ କରନ୍ତୁ ଏବଂ ପରେ ଲୁଣ ବିଯୁକ୍ତ ପାଣି (ସାଧାପାଣି) ବ୍ୟବହାର କରି ଦୁଇଥର କାଦୁଅ କରନ୍ତୁ।
- ଯେଉଁ ଅଞ୍ଚଳରେ ପ୍ରଥମରୁ ଲୁଣି ସମସ୍ୟା ଅଛି ସେଠାରେ ରୋଇବା ପୂର୍ବରୁ ସାଧାପାଣିକୁ ଜମିରେ ବନ୍ଧ ବାନ୍ଧି ପାଣି ଠିଆ କରି ରଖନ୍ତୁ, ଏହା ଦ୍ୱାରା ଦ୍ରବିଭୂତ ଲୁଣ ମାଟି ତଳକୁ ଚାଲିଯାଇ ଥାଏ। ଏଥିପାଇଁ ସେହି ଅଞ୍ଚଳରେ ପର୍ଯ୍ୟାପ୍ତ ମାତ୍ରାରେ ସାଧାପାଣି ମିଳୁଥିବା ଦରକାର।

### ବିହନ ଚୟନ ଏବଂ ଉପଚାର

- ବିହନକୁ ଭଲଭାବରେ ସଫାକରି, ଶୁଖାଇ, ବାୟୁ ଚଳାଚଳ କରୁନଥିବା ପାତ୍ରରେ ରଖନ୍ତୁ।
- ବିହନ ବୁଣିବା ପୂର୍ବରୁ, ବିହନକୁ ଶତକଡା ୨ ଭାଗ ଲୁଣ ପାଣି ଦ୍ରବଣରେ ବୁଡାନ୍ତୁ। ଏହାଦ୍ୱାରା ବିହନରେ ମିଶିଥିବା ଘାସ ମଞ୍ଜି, ଭାସମାନ ଜିନିଷ, ହାଲକା ଏବଂ ଅଧା ପୂର୍ଣ୍ଣ ବିହନ ସବୁ ଅଲଗା ହୋଇଯିବ।
- ଭଲ ବିହନକୁ ଲୁଣ ଦ୍ରବଣରୁ ବାହାର କରି ସାଧା ପାଣିରେ ସଫାକରି ଶୁଖାଇ ପ୍ରତି ଏକ କି.ଗ୍ରା. ବିହନରେ ୨ ଗ୍ରାମ୍ ବାଭିଷ୍ଟିନ୍ ଉପଚାର କରନ୍ତୁ।
- ଏକ ହେକ୍ଟର ଜମି ରୋଇବା ପାଇଁ ହାରାହାରି ୩୫ ରୁ ୪୦ କି.ଗ୍ରା. ବିହନ ଆବଶ୍ୟକତା ହୋଇଥାଏ।

### ତଳିଘେରା ପ୍ରସ୍ତୁତି

- ଯେତେଦୂର ସମ୍ଭବ ହେବ କମ୍ ଲୁଣା ଜମିରେ କାଦୁଅ ତଳିଘେରା କରିବା ଉଚିତ୍। ଏକ ଏକର ଜମିରେ ରୋଇବା ଲାଗି, ୪୦୦ ବର୍ଗମିଟର ଜମିରେ ତଳିଘେରା ପ୍ରସ୍ତୁତ କରନ୍ତୁ।
- ତଳିଘେରାକୁ ଭଲଭାବରେ ଦୁଇଥର ହଳକରି କାଦୁଅ କଲାପରେ ଡିସେମ୍ବର ମାସର ପ୍ରଥମ ଦୁଇସପ୍ତାହ ମଧ୍ୟରେ ୧ ମିଟର ଚଉଡା ଏବଂ ନିଜର ସୁବିଧା ମୁତାବକ ଲମ୍ବର ତଳି ଶଯ୍ୟା କରି ଗଜାବିହନକୁ ପ୍ରତି ବର୍ଗମିଟରରେ ୩୦-୪୦ ଗ୍ରାମ ହିସାବରେ ବୁଣନ୍ତୁ। ଜଳର ନିଷ୍କାସନ ପାଇଁ ତଳି ଶଯ୍ୟା ଚାରିପଟେ ନାଳିକରିବା ଆବଶ୍ୟକ।
- ତଳିଘେରାରେ ପ୍ରାଥମିକ ହଳ ପୂର୍ବରୁ ହେକ୍ଟର ପ୍ରତି ୫ ଟନ୍ ସଢ଼ା ଗୋବର ଖତ କିମ୍ବା ଆଜୋଲା ଖତ ୫୦ କ୍ୱିଣ୍ଟାଲ ପ୍ରୟୋଗ କରନ୍ତୁ। ତଳିଘେରାରେ ଉନ୍ନତ ମାନର ଏବଂ ସୁସ୍ଥ ତଳି ପାଇଁ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ, ଫସଫରସ୍ ଏବଂ ପଟାସ୍ ସାର ବୁଣିବା ପୂର୍ବରୁ ବ୍ୟବହାର କରନ୍ତୁ, ଯାହା ଦ୍ୱାରା ସୁସ୍ଥ ତଳି ମିଳିପାରିବ।

### ରୋଇବା ସମୟ

- ସହଳ ରୁଆ ପାଇଁ ଜାନୁୟାରୀ ମାସର ପ୍ରଥମ ଦୁଇ ସପ୍ତାହ ମଧ୍ୟରେ ୨୫ ରୁ ୩୦ ଦିନର ତଳିକୁ ୧୫ ସେ.ମି. ବୁଦାକୁ ବୁଦା ଏବଂ ୧୫ ସେ.ମି. ଧାଡିକୁ ଧାଡି ବ୍ୟବଧାନରେ ରୁଅନ୍ତୁ। ବିଳମ୍ବରେ ରୋଇଲେ ଫସଲର ଅମଳ କ୍ଷମତା ଯଥେଷ୍ଟ କମ୍ ହୋଇଯାଇଥାଏ କାରଣ ଜମିରେ ଲୁଣା ଭାଗ ଏବଂ ବାୟୁମଣ୍ଡଳର ଉତ୍ତାପ ଫୁଲ ବାହାରିବା ସମୟରେ ଅଧିକ ହୋଇଥାଏ।
- ସାଧାରଣତଃ ବୁଦାପ୍ରତି ୨-୩ ଟି ତଳି ରୋଇବା ପାଇଁ ବ୍ୟବହାର ହୋଇଥାଏ। ଯଦି ଦରକାର ପଡେ ତେବେ ୭-୮ ଦିନ ମଧ୍ୟରେ ଗଛ ନଥିବା ଜାଗାରେ ଆଉଥରେ ପୁରୁଣା ତଳିକୁ ରୋଇପାରିବେ।

### ଖାଦ୍ୟସାର ପରିଚାଳନା

- ହେକ୍ଟର ପ୍ରତି ୮୦ କେ.ଜି. ଯବକ୍ଷାରଜାନ ସାରକୁ ତିନିଭାଗ କରି ୪୦:୨୦:୨୦ କି.ଗ୍ରା. ହିସାବରେ ୟୁରିଆକୁ ପ୍ରଥମେ ଜମି ପ୍ରସ୍ତୁତି, ପିଲଦେବା ଏବଂ ଫୁଲ ବାହାରିବା ଅବସ୍ଥାରେ ପ୍ରୟୋଗ କରନ୍ତୁ।
- ଯଦି ଆଜୋଲା ସହିତ ଚାଷ କରାଯାଉଥାଏ ତେବେ ଜମି ପ୍ରସ୍ତୁତି ସମୟରେ ହେକ୍ଟର ପ୍ରତି ୪୦ କି.ଗ୍ରା. ବଦଳରେ ୩୦ କି.ଗ୍ରା. ଯବକ୍ଷାରଜାନ ସାର ବ୍ୟବହାର କରାଯାଏ ଏବଂ ପିଲଦେବା ଅବସ୍ଥାରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ସାର ବ୍ୟବହାର କରାଯାଏ। ୧୦ ରୁ ୧୫ କି.ଗ୍ରା. ଫସଫରସ୍ ସାରକୁ ତିନିଭାଗ କରି ଜମି ପ୍ରସ୍ତୁତି ପରଠାରୁ ଏକ ସପ୍ତାହ ବ୍ୟବଧାନରେ ପ୍ରୟୋଗ କରନ୍ତୁ।
- ସାଧାରଣ ଚାଷ ପାଇଁ ୪୦ କି.ଗ୍ରା. ଫସଫରସ୍ ସାର ଏବଂ ପଟାସ୍ ସାର ପ୍ରୟୋଗ କରାଯାଏ। ଯଦି ଆଜୋଲା ସହିତ ଚାଷ କରାଯାଏ ତେବେ ଆଜୋଲାରେ ବ୍ୟବହୃତ ଫସଫରସ୍ ସାର ମୁଖ୍ୟ ଫସଲ ପାଇଁ ଉଦ୍ଦିଷ୍ଟ ଫସଫରସ୍ ସାରର ଏକ ଅଂଶ ଭାବେ ବିବେଚିତ ହୁଏ। ତେଣୁ ବଳକା ଫସଫରସ୍ ସାରକୁ ଦୁଇ ତୃତୀୟାଂଶ ପଟାସ୍ ସାର ସହିତ ଶେଷଥର କାଦୁଅ କଲାବେଳେ ବ୍ୟବହାର କରାଯାଏ। ଅବଶିଷ୍ଟ ଏକ ତୃତୀୟାଂଶ ପଟାସ୍ ସାରକୁ ଫୁଲବାହାରିବା ସମୟରେ ଯବକ୍ଷାରଜାନ ସାର ସହିତ ପ୍ରୟୋଗ କରାଯାଏ।

### ଘାସ ନିୟନ୍ତ୍ରଣ

- ରୋଇବାର ୨୦-୨୫ ଦିନ ଏବଂ ୪୦-୪୫ ଦିନ ପରେ ଘାସକୁ ହାତରେ ଓପାଡି ଭଲକରି ସଫା କରିଦିଅନ୍ତୁ। ଏଥିରେ ଅଧିକ ଶ୍ରମିକ ବ୍ୟବହାର ହେତୁ ଅଧିକ ଖର୍ଚ୍ଚ ହୋଇଥାଏ।
- ସହଳ ଗଜା ବାହାରିବା ପରେ ଘାସମରା ବିଷ "ପାଇରାଜୋସଲଫ୍ୟୁରାନ୍ ଇଥାଇଲ" କୁ ହେକ୍ଟର ପ୍ରତି ୨୦୦ ଗ୍ରାମ ହିସାବରେ ରୋଇବାର ୩-୫ ଦିନ ମଧ୍ୟରେ ସିଞ୍ଚନ କଲେ ଘାସ ସହଜରେ ନିୟନ୍ତ୍ରଣ ହୋଇଥାଏ। ସେହିପରି ଗଜା ବାହାରିବା ପର ଘାସମରା ବିଷ "ଆଲମିକ୍ସ" କୁ ହେକ୍ଟର ପ୍ରତି ୨୦ ଗ୍ରାମ୍ ରୋଇବାର ୧୧-୨୦ ଦିନ ପରେ ବ୍ୟବହାର କଲେ ଘାସ ନିୟନ୍ତ୍ରଣ ହୋଇଥାଏ। ଘାସମରା ବିଷକୁ ପ୍ରୟୋଗ ପୂର୍ବରୁ ଜମିରେ ଥିବା ପାଣିକୁ ନିଷ୍କାସନ କରି ଦିଅନ୍ତୁ ଏବଂ ଅନୁମୋଦିତ ପରିମାଣର ବିଷକୁ ହେକ୍ଟର ପ୍ରତି ୫୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ରୋଗ ପୋକ ନିୟନ୍ତ୍ରଣ

- କାଣ୍ଡବିନ୍ଧା, ଧାନ ଫସଲର ମୁଖ୍ୟ ପୋକ। ସାଧାରଣତଃ ରବି ଋତୁରେ ଏମାନଙ୍କର ସଂଖ୍ୟା ପ୍ରବଳ ଭାବରେ ଦୁଇଥର ବଢ଼ିଥାଏ। ପ୍ରଥମେ ଜାନୁୟାରୀ-ଫେବୃୟାରୀ ମଧ୍ୟରେ ଏବଂ ଦ୍ୱିତୀୟଟି ମାର୍ଚ୍ଚ-ଏପ୍ରିଲ ମଧ୍ୟରେ ଦେଖାଯାଏ। ଦାନାଦାର ଜାତୀୟ ପୋକମରା ବିଷ ଫୁରାଡନ୍ କୁ ହେକ୍ଟର ପ୍ରତି ୩୩ କି.ଗ୍ରା. କିମ୍ବା କାର୍ଟାପ କୁ ୨୫ କି.ଗ୍ରା. ରୋଇବାର ୨୦ ଦିନ ଏବଂ ୫୦ ଦିନ ପରେ ପ୍ରୟୋଗ କଲେ ଫସଲ ସୁରକ୍ଷା ରହେ। ତରଳ ସିଞ୍ଚନ ପାଇଁ କ୍ଲୋରୋପାଇରିଫସ୍ ହେକ୍ଟର ପ୍ରତି ୨.୫ ଲିଟର ହିସାବରେ କିମ୍ବା ଇମିଡାକ୍ଲୋପ୍ରିଡ୍ ହେକ୍ଟର ପ୍ରତି ୧୫୦ ମି.ଲି. ହିସାବରେ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ଯେତେବେଳେ ବର୍ଗମିଟର ପ୍ରତି ୧-୨ ଟି ହଳଦିଆ କାଣ୍ଡବିନ୍ଧା ପୋକ କିମ୍ବା ତାର ଅଣ୍ଡାପୁଞ୍ଜ ଦେଖାଯାଏ ଉପରୋକ୍ତ ସିଞ୍ଚନ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ।
- ଅନ୍ୟ ଏକ ମୁଖ୍ୟ ପୋକ ହେଲା ମାଟିଆଗୁଣ୍ଡି ପୋକ। ଏହା ସାଧାରଣତଃ ଫେବୃୟାରୀ-ମାର୍ଚ୍ଚ ମାସରେ ଦେଖାଯାଏ। ଏହି ପୋକର ଦମନ ପାଇଁ ମଧ୍ୟ "ଇମିଡାକ୍ଲୋପ୍ରିଡ"୧୫୦ ମି.ଲି. ହେକ୍ଟର ପ୍ରତି ସିଞ୍ଚନ କରିବା ଆବଶ୍ୟକ କିନ୍ତୁ ଏହି କ୍ଷେତ୍ରରେ ସିଞ୍ଚନ ଗଛର ମୂଳ ଭାଗରେ କରିବା ଆବଶ୍ୟକ।